# ମୃତଦେହରେ କରୋନା ଭାଇରସ୍‌ର ସ୍ଥିତି ଅଧ୍ୟୟନ କରିବ ଏମ୍ସ



**ନୂଆଦିଲ୍ଲୀ, ୨୨।୫/ଏଜେନ୍ସି :** ମୃତଦେହରେ କରୋନା ଭାଇରସ୍ କେତେ ସମୟ ବଞ୍ଚି ରହିବ । ସେତେବେଳେ ଏହା ଅନ୍ୟମାନଙ୍କ ଦେହରେ ସଂକ୍ରମଣ କରାଇ ପାରିବ କି, ନାହିଁ, ଏ ବିଷୟରେ ଅଧ୍ୟୟନ କରିବାକୁ ଏମ୍ସ ଡାକ୍ତରମାନେ ଜଣେ ମୃତ କୋଭିଡ୍-୧୯ ଆକ୍ରାନ୍ତଙ୍କ ଶବ ବ୍ୟବଚ୍ଛେଦ କରିବାକୁ ଚିନ୍ତା କରୁଥିବା କଥା ଗୁରୁବାର ଦିନ ଫରେନ୍‌ସିକ୍ ମୁଖ୍ୟ ଡାକ୍ତର ସୁଧୀର ଗୁପ୍ତା କହିଛନ୍ତି । ଶରୀର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଉପରେ ଏହି ଜୀବାଣୁ କିଭଳି କୁପ୍ରଭାବ ପକାଉଛି ତାହା ମଧ୍ୟ ଏହି ଅଧ୍ୟୟନରୁ ଜଣାପଡ଼ିବ ବୋଲି ଡାକ୍ତର ଗୁପ୍ତା କହିଛନ୍ତି । ମୃତବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କ ଠାରୁ ଏଥିନିମନ୍ତେ ଅନୁମତି ଅଣାଯିବ । ଏହି ଅଧ୍ୟୟନରେ ପାଥୋଲୋଜି ଏବଂ ମାଇକ୍ରୋବାୟୋଲଜି ଭଳି ଅନେକ ବିଭାଗର ଡାକ୍ତରମାନେ ଅଂଶଗ୍ରହଣ କରିବେ । ମଙ୍ଗଳବାର ଦିନ ଆଇସିଏମ୍ଆର କହିଥିଲା ଯେ କୋଭିଡ୍-୧୯ ହେଉଛି ଶ୍ୱାସପ୍ରଶ୍ୱାସ ସଂକ୍ରମଣଜନିତ ରୋଗ । ଏହା ମୁଖ୍ୟତଃ ବାୟୁରେ ମିଶ୍ରିତ ହୋଇ ବ୍ୟାପିଥାଏ । ବିଭିନ୍ନ ବିଜ୍ଞାନ ଆଲେଖ୍ୟ ଅନୁସାରେ, ମୃତ ଦେହରେ କ୍ରମଶଃ ଭାଇରସ୍‌ମାନଙ୍କର ଆୟୁଷ ହ୍ରାସ ପାଇଥାଏ । କିନ୍ତୁ, ନିର୍ଦ୍ଦିଷ୍ଟ କେତେ ଶବ ଭାଇରସ୍‌ମୁକ୍ତ ହେବ, ସେ ସଂକ୍ରାନ୍ତରେ କିଛି ସୂଚନା ନାହିଁ । ତେଣୁ ଡାକ୍ତରମାନେ ଏଭଳି ଅଧ୍ୟୟନ କରିବାକୁ ବିଚାର କରୁଛନ୍ତି । ଏହା ଜଣାପଡ଼ିଲେ ଶବାଗାର କର୍ମଚାରୀ ଏବଂ ପୁଲିସ କର୍ମଚାରୀଙ୍କ ପାଇଁ ଥିବା ସଂକ୍ରମଣ ବିପଦ ଏଡାଇବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇପାରିବ ।